# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**08th November - 2024**

**News Editor : *Itishree Singh Rathaur***

******************************

***Puri/R***

## କାମଧେନୁ

ରାଜ୍ୟରେ ଦୁଗ୍ଧର ଚାହିଦା ଓ ଦୁଗ୍ଧ ଉପଲବ୍ଧତାକୁ ବୃଦ୍ଧି କରିବାପାଇଁ 'ମୁଖ୍ୟମନ୍ତ୍ରୀ କାମଧେନୁ' ଯୋଜନା ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପୁରୀରେ ଗତକାଲି ଗୋ-ନବରାତ୍ର ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କାମଧେନୁ ଯୋଜନାରେ ପ୍ରତିବର୍ଷ ୨ ହଜାର ହିତାଧିକାରୀଙ୍କୁ ଦୁଇଟି ଲେଖାଏଁ ଗାଈ, ୨୦ ହଜାର ଦୁଗ୍ଧ ଚାଷୀଙ୍କୁ ରିହାତି ଦରରେ ବାଛୁରୀ ଖାଦ୍ୟ ଯୋଗାଣ, ଦୁଧିଆଳୀ ଗାଈଙ୍କ ବୀମା ପାଇଁ ସହାୟତା ଆଦିର ବ୍ୟବସ୍ଥା ରହିଛି । କେବଳ ଗୋପାଳନ ନୁହେଁ; ବରଂ ଗୋ ସୁରକ୍ଷା ମଧ୍ୟ ସରକାରଙ୍କ ପ୍ରାଥମିକତା । ଗୋ ସୁରକ୍ଷାପାଇଁ ଆବଶ୍ୟକସ୍ଥଳେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ପୁରୀ ଗସ୍ତ ଅବସରରେ ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ।

***BBSR/R***

# ଜମିପଟା

ରାଜସ୍ୱ ଆଇନକୁ ସରଳ, ସହଜ ଓ ଲୋକାଭିମୁଖୀ କରାଯିବ । ଏହାଦ୍ୱାରା ଲୋକମାନଙ୍କର ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଗତକାଲି ବିଭାଗର ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ଘରଡିହ ଶୂନ୍ୟ ବ୍ୟକ୍ତିଙ୍କୁ ଘରଡିହ ଯୋଗାଇ ଦେବା, ଭୂମିହୀନଙ୍କୁ ଚିହ୍ନଟ କରି ବସୁନ୍ଧରା ଯୋଜନାରେ ଜମି ପ୍ରଦାନ, ସମସ୍ତ ବିଦ୍ୟାଳୟକୁ ଜମିପଟା ଯୋଗାଇଦେବା ସହ ନୂତନ ରାଜସ୍ୱ ଗ୍ରାମ ଘୋଷଣା କାର୍ଯ୍ୟ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ବିଭିନ୍ନ ଅନୁଷ୍ଠାନକୁ ଲିଜ୍ ଆକାରରେ ଦିଆଯାଇଥିବା ସରକାରୀ ଜମିର ସଠିକ୍ ବ୍ୟବହାର ନ ହେଲେ ସେସବୁକୁ ଫେରାଇ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

*IPR*

# ହାଇସ୍ପିଡ୍ କରିଡର

ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରସ୍ତାବିତ ବ୍ରହ୍ମପୁର-ଜୟପୁର ହାଇସ୍ପିଡ୍ କରିଡର ଓ ଗ୍ରୀନ୍ ଫିଲ୍ଡ୍ କରିଡରର ସମୀକ୍ଷା କରିଛନ୍ତି । ହାଇସ୍ପିଡ୍ କରିଡର ସହିତ ପ୍ରମୁଖ ସହର ଖଣି ଓ ଶିଳ୍ପାଞ୍ଚଳରେ ଯୋଗାଯୋଗ ସୁଦୃଢ଼ କରିବା ନେଇ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏଥିସହ ପ୍ରସ୍ତାବିତ କରିଡର୍ ପାଇଁ ଜମି ଅଧିଗ୍ରହଣ ଦିଗରେ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲା ଦେଇ ନିର୍ମାଣ ହେବାକୁ ଥିବା ଏହି ହାଇସ୍ପିଡ୍ କରିଡରର ଦୈର୍ଘ୍ୟ ପ୍ରାୟ ୨୮୭ କିଲୋମିଟର ରହିବ । ଏହି ପ୍ରଶସ୍ତ ମାର୍ଗରେ ଗାଡ଼ିଗୁଡ଼ିକ ସର୍ବାଧିକ ୧୨୦ କିଲୋମିଟର ବେଗରେ ଗତି କରିବ । ପାହାଡ଼ିଆ ଘାଟୀ ରାସ୍ତାରେ ଦୁର୍ଘଟଣାକୁ ଏଡ଼ାଇବାପାଇଁ ଏହି ମାର୍ଗର ୪ଟି ସ୍ଥାନରେ ଟନେଲ୍ ନିର୍ମାଣ ନେଇ ପ୍ରସ୍ତାବ ରହିଛି ।

*Desk*

# ପ୍ରୋଜେକ୍ଟ ଉନ୍ନତି କଫି

ରାଜ୍ୟରେ କଫି ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ପାଇଁ 'ସମନ୍ୱିତ ସାମାଜିକ କଲ୍ୟାଣ ଏବଂ ଅନୁସନ୍ଧାନ କେନ୍ଦ୍ର' କୋରାପୁଟ ଜିଲ୍ଲାରେ 'ପ୍ରୋଜେକ୍ଟ ଉନ୍ନତି କଫି' ଆରମ୍ଭ କରିଛି । ଭୁବନେଶ୍ୱରରେ ଗତକାଲି

ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରି କହିଛନ୍ତି, କଫି  ଚାଷୀଙ୍କୁ ସହାୟତା ପ୍ରଦାନ ତଥା ରାଜ୍ୟରେ ନିରନ୍ତର କୃଷି ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । କଫି ଚାଷକୁ ପ୍ରୋତ୍ସାହନ ଦେଇ ଭବିଷ୍ୟତରେ ଏକ ବୃହତ୍ ବଜାର ସୃଷ୍ଟି କରିବା ସୁନିଶ୍ଚିତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ସ୍ଥାୟୀ କଫି ଉତ୍ପାଦନ ଏବଂ ଲାଭ ବୃଦ୍ଧିଦ୍ୱାରା କୃଷକଙ୍କ ଜୀବନରେ ଉନ୍ନତି ହୋଇପାରିବ ବୋଲି ଶ୍ରୀ ସିଂହଦେଓ ଆଶାପ୍ରକଟ କରିଛନ୍ତି ।

***Bhadrak/R***

## ଖଣିମନ୍ତ୍ରୀ

ବାଣିଜ୍ୟ ପରିବହନ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଭଦ୍ରକ ଗସ୍ତ କରି ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । କୋଇଲା ଓ ବାଲି ବୋଝେଇ ବେଆଇନ ଗାଡ଼ି ପ୍ରବେଶକୁ ରୋକିବା, ଖଣିଖାଦାନ ଅଞ୍ଚଳରେ ମାଲ୍ ପରିବହନ ଉପରେ ଦୃଷ୍ଟି ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

*Desk*

# ଆମ୍ବଟାକୁଆ ଜାଉ

କନ୍ଧମାଳ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ଦୁଇ ଜଣଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ମାନବାଧିକାର କମିଶନ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାର ତଦନ୍ତ କରି ୪୦ ଦିନ ଭିତରେ ରିପୋର୍ଟ ପ୍ରଦାନ କରିବାକୁ କମିଶନ୍‌ର ଅଧ୍ୟକ୍ଷ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*IPR*

# ଚଳଚ୍ଚିତ୍ର ପ୍ରଦର୍ଶନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ସ୍ୱାସ୍ଥ୍ୟ ସମସ୍ୟା ଓ କୁସଂସ୍କାରର ଦୂରୀକରଣ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦୁଇଟି ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'କାଶଭ' ଓ 'ନିଆଳ' ପ୍ରଦର୍ଶିତ ହୋଇଛି । ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ପଦ୍ମଶ୍ରୀ ମୋହନ ଆଗସେ ଚଳଚ୍ଚିତ୍ର ପ୍ରଦର୍ଶନକୁ ଉଦ୍‌ଘାଟନ କରି କହିଛନ୍ତି, ଚଳଚ୍ଚିତ୍ର ହେଉଛି ଯୋଗାଯୋଗର ଅନ୍ୟତମ ଶ୍ରେଷ୍ଠ ମାଧ୍ୟମ । ଏହା ମାଧ୍ୟମରେ ଜଟିଳ ଭାବନାକୁ ସହଜରେ ପ୍ରକାଶ କରାଯାଇପାରେ ବୋଲି ଶ୍ରୀ ଆଗସେ କହିଛନ୍ତି ।

*Desk*

# ପେଡିକନ୍ ସମ୍ମିଳନୀ

କଟକ ଏସ୍.ସି.ବି. ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍‌ରେ ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ପେଡିକନ୍ ସମ୍ମିଳନୀ ଅନୁଷ୍ଠିତ ହେବ । ଶିଶୁରୋଗ ବିଶେଷଜ୍ଞଙ୍କ ପାଇଁ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ଶିଶୁରୋଗୀଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରାଯିବ । ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ କୁଳପତି ଡକ୍ଟର ମାନସ ରଞ୍ଜନ ସାହୁଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

*Desk*

# ବାଲିଯାତ୍ରା - ଇ.ଏ.ଏମ୍.

କଟକ ବାଲିଯାତ୍ରାକୁ ପ୍ରଥମ ଥରପାଇଁ ୧୦ରୁ ଅଧିକ ଦେଶର ରାଷ୍ଟ୍ରଦୂତ ଓ ପ୍ରତିନିଧି ବୁଲିବାକୁ ଆସିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ସୂଚନା ଦେଇଛନ୍ତି । ସେମାନେ ବାଲିଯାତ୍ରା ବୁଲିବା ସହ ବିଭିନ୍ନ ଐତିହାସିକ ସ୍ଥାନ, ଲଳିତଗିରି, ମାଣିଆବନ୍ଧ ଓ କୋଣାର୍କ ବୁଲିବାର କାର୍ଯ୍ୟକ୍ରମ ରହିଛି । ନେପାଳ, ଭୁଟାନ, ବାଂଲାଦେଶ, ମ୍ୟାଁମାର ଭଳି ବିମ୍‌ଷ୍ଟେକ୍ ଆସିଆନ୍ ଦେଶର ରାଷ୍ଟ୍ରଦୂତମାନେ ଆସିବେ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି ।

***Gajapati/R***

# ସୁରଭି

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଓ 'କଳା ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

*****